# କଟକ ମହାନଗର ନିଗମ

## CUTTACK MUNICIPAL CORPORATION
## କଲ୍ୟାଣ ମଣ୍ଡପ ସଂରକ୍ଷଣ ପାଇଁ ଦରଖାସ୍ତ ପତ୍ର

**APPLICATION FORM FOR THE RESERVATION OF KALAYAN MANDAP**

୧ । ଦରଖାସ୍ତକାରୀଙ୍କ ନାମ
Name of the Applicant

୨ । ପିତା / ସ୍ୱାମୀଙ୍କ ନାମ
Father/ Husband's Name

୩ । ସ୍ଥାୟୀ ଠିକଣା
Native Place

| | |
|---|---|
| ଗ୍ରାମ : Village | ପୋ.ଅ. : P.O. |
| ଥାନା: P.S. | ଜିଲ୍ଲା: Dist. |
| Contact telephone No.- | Cell No.- |

୪ । ବର୍ତ୍ତମାନର ଠିକଣା
Present Address

୫ । ସଂରକ୍ଷଣ ଉଦ୍ଦେଶ୍ୟ (ସଂପୂର୍ଣ୍ଣ ବିବରଣୀ ସହିତ )
Purpose of reservation with Specification
(ଅନୁଗ୍ରହ ପୂର୍ବକ ବିବାହ ଉତ୍ସବ, ବିବାହ ଭୋଜୀ, ବ୍ରତୋପନୟନ ପରି ଅନ୍ୟାନ୍ୟ, ପାରିବାରିକ ଉତ୍ସବର ବିଶଦ ବିବରଣୀ ଦର୍ଶାନ୍ତୁ)
Kindly furnish details of the function like marriage, reception, thread ceremony other family function.

୬ । ସଂରକ୍ଷଣ ତାରିଖ
Date of Reservation

ଅପର ପୃଷ୍ଠାରେ ଥିବା ଏ ସଂକ୍ରାନ୍ତୀୟ ସର୍ତ୍ତାବଳୀ ମାନି କାର୍ଯ୍ୟ କରିବା ପାଇଁ ମୁଁ ଏତଦ୍ୱାରା ଅଙ୍ଗୀକାର କରୁଅଛି ।
I under take to abide by the terms and conditions mentioned overleaf.

ସ୍ଥାନ -
Place-
ତାରିଖ-
Date-

ଦରଖାସ୍ତକାରୀଙ୍କ ସାକ୍ଷର
Signature of the Applicant

**TERMS & CONDITIONS**

## ସର୍ତ୍ତାବଳୀ

୧ ।	ଦରଖାସ୍ତକାରୀଙ୍କୁ କଟକ ମହାନଗର ନିଗମର କଲ୍ୟାଣ ମଣ୍ଡପ ସଂରକ୍ଷଣ କରିବା ଦିନ ପୂର୍ବାହ୍ନ ୯ ଘଟିକାଠାରୁ ପରଦିନ ସକାଳ ୬ ଘଟିକା ପର୍ଯ୍ୟନ୍ତ ବ୍ୟବହାର କରିବାକୁ ଅନୁମତି ଦିଆଯିବ ।

୨ ।	ଦରଖାସ୍ତକାରୀଙ୍କୁ କଲ୍ୟାଣ ମଣ୍ଡପରେ ଥିବା ରେଜିଷ୍ଟରରେ ପହଞ୍ଚିବା ଓ ଛାଡିବାର ତାରିଖ, ସମୟ ସହ ପୂର୍ଣ୍ଣ ସ୍ୱାକ୍ଷର କରିବାକୁ ପଡିବ ।

୩ ।	ଦରଖାସ୍ତକାରୀ କଲ୍ୟାଣ ମଣ୍ଡପର ସମସ୍ତ ଜିନିଷପତ୍ର, ବାସନକୁସନ, ଆସବାବପତ୍ର, ସାଜ ସରଞ୍ଜାମ, ବେଦୀମଣ୍ଡପ, ଭୋଜନାଳୟ ଓ କଲ୍ୟାଣ ମଣ୍ଡପ ପରିସର ନିଜ ଖର୍ଚ୍ଚରେ ପରିଷ୍କାର କରି ତତ୍ତ୍ୱାବଧାରକଙ୍କୁ ସଂରକ୍ଷଣ ତାରିଖର ପରଦିନ ସକାଳ ୬ ଘଟିକା ସୁଦ୍ଧା ହସ୍ତାନ୍ତର କରି କଲ୍ୟାଣ ମଣ୍ଡପ ପରିସର ଛାଡିବେ । ନଚେତ୍ ସମସ୍ତ ଅମାନତ ଟଙ୍କା ମହାନଗର ନିଗମ ତରଫରୁ ବ୍ୟାଜ୍ୟାପ୍ତି କରାଯିବ ।

୪ ।	ଦରଖାସ୍ତକାରୀ, କଲ୍ୟାଣ ମଣ୍ଡପର ତତ୍ତ୍ୱାବଧାରକଙ୍କ ବିନା ଅନୁମତିରେ କୌଣସି ଅଂଶ ଯଥା ମଣ୍ଡପ, ପରିସର, ଭୋଜନାଳୟ, ବିଶ୍ରାମକକ୍ଷ ଓ ରୋଷେଇଶାଳ କୌଣସି ବ୍ୟକ୍ତିଙ୍କୁ ଆଂଶିକ ବ୍ୟବହାର କରିବାକୁ ଦେଇପାରିବେ ନାହିଁ ।

୫ ।	କଲ୍ୟାଣ ମଣ୍ଡପର ଜିନିଷପତ୍ର, ବାସନକୁସନ, ସାଜ ସରଞ୍ଜାମ ଆସବାବପତ୍ର ଇତ୍ୟାଦି ଦରଖାସ୍ତକାରୀଙ୍କର ଅଧିଭୋଗ ସମୟରେ ତାଙ୍କର ବନ୍ଧୁ, ସମ୍ପର୍କୀୟ ଓ ନିମନ୍ତ୍ରିତ ବ୍ୟକ୍ତି ବିଶେଷଙ୍କ ଦ୍ୱାରା କୌଣସି କ୍ଷୟକ୍ଷତି ହେଲେ ଉକ୍ତ କ୍ଷୟକ୍ଷତିର ମୂଲ୍ୟ ମହାନଗର ନିଗମରେ ଜମା ଦେବାକୁ ପଡିବ , ନଚେ୍ତ ଏହା ମୋକଦ୍ଦମା ମାଧ୍ୟମରେ ଅସୁଲ କରାଯିବ ।

୬ ।	ବିଦ୍ୟୁତ୍ କିମ୍ବା ପାଣିର ଯାନ୍ତ୍ରିକ ଅସଫଳତା ସୃଷ୍ଟିହେବା ତଥା ଅନ୍ୟାନ୍ୟ କାରଣ ଯୋଗୁଁ ଦରଖାସ୍ତକାରୀ, ତାଙ୍କର ବନ୍ଧୁ ସମ୍ପର୍କୀୟ ଓ ନିମନ୍ତ୍ରିତ ଭଦ୍ରବ୍ୟକ୍ତିଙ୍କର କୌଣସି କ୍ଷୟକ୍ଷତି ହେଲେ ଏଥିପାଇଁ କଟକ ମହାନଗର ନିଗମ ଦାୟୀ ରହିବେ ନାହିଁ ।

୭ ।	ଦରଖାସ୍ତକାରୀ  କଲ୍ୟାଣ ମଣ୍ଡପ ତତ୍ତ୍ୱାବଧାରକଙ୍କ ବିନା ଅନୁମତିରେ ଆଲୋକ ସଜାଇପାରିବେ ନାହିଁ । କଲ୍ୟାଣ ମଣ୍ଡପର ପରିସର ମଧ୍ୟରେ ବିଦ୍ୟୁତ ସାଜସଜା କରିବାକୁ ଚାହୁଁଥିଲେ, ତାଙ୍କୁ ବିଦ୍ୟୁତ ବିଭାଗ (ସେ.ସୁ) କାର୍ଯ୍ୟାଳୟରୁ ସ୍ୱତନ୍ତ୍ର ଅନୁମତି ଆଣିବାକୁ ପଡିବ ।

୮ ।	ମହାନଗର ନିଗମ ଦ୍ୱାରା ଧାର୍ଯ୍ୟ ହୋଇଥିବା ଅମାନତ ଟଙ୍କା ଦରଖାସ୍ତକାରୀ କଲ୍ୟାଣ ମଣ୍ଡପର ତତ୍ତ୍ୱାବଧାରକଙ୍କ ନିକଟରେ ସଂରକ୍ଷଣ ସମୟରେ ଦାଖଲ କରି ରସିଦ୍ ହାସଲ କରିବେ ।

**ପ୍ର:ଥା:** (ସର୍ତ୍ତାବଳୀ ପୂରଣ ହେବାପରେ ଏହି ଅମାନତ ଟଙ୍କା ଫେରସ୍ତ ଦିଆଯିବ ।)

୯ ।	ନିମ୍ନୋକ୍ତ କାରଣ ଯୋଗୁଁ କଲ୍ୟାଣ ମଣ୍ଡପ ସଂରକ୍ଷଣ ବାଜ୍ୟାପ୍ତି କରାଯାଇପାରେ ।
(କ) ସର୍ତ୍ତାପଳୀର ବିରୁଦ୍ଧାଚରଣ ।

(ଖ) ଅଶ୍ଳିଷ୍ଟ ବ୍ୟବହାର, ଶାନ୍ତିଭଙ୍ଗ, ବିଶୃଙ୍ଖଳା ଏବଂ ମାଦକ ଦ୍ରବ୍ୟ ସେବନ ।

୧୦. ଦରଖାସ୍ତକାରୀ କେବଳ ସଂରକ୍ଷିତ ତଳ ମହଲା / ଉପର ମହଲା ବ୍ୟବହାର କରିପାରିବେ ।

**CANCELLATION FEES :-**

୧୧. **ସଂରକ୍ଷଣ ରଦ୍ଦଫିସ-** ଦରଖାସ୍ତକାରୀ ଯେକୌଣସି କାରଣ ଯୋଗୁ କଲ୍ୟାଣ ମଣ୍ଡପ ସଂରକ୍ଷଣ ରଦ୍ଦପାଇଁ ସଂରକ୍ଷଣ ଦିନର ୧୫ ଦିନ ଓ ୭ ଦିନ ପୂର୍ବରୁ ଆବେଦନ କଲେ ତାଙ୍କୁ କଟକ ମହାନଗର ନିଗମ ସଂରକ୍ଷଣ ଜମାରୁ ଯଥାକ୍ରମେ ଶତକଡା ୨୫ ଭାଗ ଓ ଶତକଡା ୫୦ ଭାଗ ବିୟୋଗ କରି ଅବଶିଷ୍ଟ ଟଙ୍କା ଫେରସ୍ତ ଦିଆଯିବ ।

୧୨ । କଲ୍ୟାଣ ମଣ୍ଡପଠାରେ ଥିବା ରୋଷେଇ ଘର ମଧ୍ୟରେ ଦରଖାସ୍ତକାରୀ କୌଣସି କାଠଚୁଲା ବ୍ୟବହାର କରିପାରିବେ ନାହିଁ । ରୋଷେଇ ଘର ମଧ୍ୟରେ କେବଳ ଗ୍ୟାସଚୁଲା ବ୍ୟବହାର କରାଯାଇପାରିବେ ।

୧୩. ଦରଖାସ୍ତକାରୀ କୌଣସି ପରିସ୍ଥିତିରେ କଲ୍ୟାଣ ମଣ୍ଡପର ପ୍ରବେଶ ଦ୍ୱାର (କାଚ ଗେଟ୍) ସମ୍ମୁଖରେ କୌଣସି ପ୍ରକାରର ଅସ୍ଥାୟୀ ମଣ୍ଡପ କରିପାରିବେ ନାହିଁ ।

**ତାରିଖ :**

**ଦରଖାସ୍ତକାରୀଙ୍କ ସାକ୍ଷର**